# Akashvani, Sambalpur

## SAMBALPURI NEWS EVENING BULLETIN

## 7 july 2026-7.02- 7.12 pm.

---

୧- ରାଏଜେ ବନ ସୁରକ୍ଷା ଆଉ ଜଙ୍ଗଲ୍ ତିଆରି ଲାଗି ଭିନ୍ ଭିନ୍ ଯୋଜ୍ନା କାର୍ଯ୍ୟକାରୀ କରୁଛନ୍ ସରକାର୍- କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍ନେଶ୍ୱର୍ ନ ବନ ମହୋତ୍ସବ୍ ସପ୍ତାହ ପାଲନ୍ ସମାରୋହ୍‌ଥି ଦେଲେ ଯୋଗ୍ ।

୨- ଭୁବନେଶ୍ୱର୍ ନ ଚାଲିଛେ ପୂର୍ବାଂଚଳ ଆଂଚଳିକ ପରିଷଦ୍ ଷ୍ଟାଣ୍ଡିଂ କମିଟିର୍ ୧୫ ନମ୍ବର୍ ବୈଠକ୍ ।

- ୪ ଟା ରାଜ୍ୟର୍ ୭୨ ଟା ଏଜେଣ୍ଡା ଉପ୍‌ରେ ହେଉଛେ ଆଲୋଚନା ।

୩- ସଡ଼କ୍ ଦୁର୍ଘଟଣାକେ କମ୍ କର୍‌ବାର୍ ଲାଗି ଫିଟ୍‌ନେସ୍ ନାଇଁଥିବା ଗାଡ଼ିମାନ୍‌କୁ କରାଯିବା ଜବତ୍ - ପରିବହନ୍ ବିଭାଗ୍‌ର ସୂଚ୍ନା ।

ଆଉର୍

୪- ଲଗାଏତ୍ ବର୍ଷା ହେଲେ ଭିଲ୍ ବନ୍ୟା ପରିସ୍ଥିତି ଦେଖା ନାଇଁ ଦେଇ କହେଲେ ଜଲ୍ସମ୍ପଦ୍ ବିଭାଗ୍ ମୁଖ୍ୟଯନ୍ତ୍ରୀ ।

ମୁଖ୍ୟମନ୍ତ୍ରୀ- ବନ ମହୋତ୍ସବ          ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ବନ ସୁରକ୍ଷା ଆଉ ଜଙ୍ଗଲ୍ ତିଆର୍ ଲାଗି ସର୍କାର୍ ଭିନ୍ ଭିନ୍ ଯୋଜ୍ନା କାର୍ଯ୍ୟକାରୀ କରୁଛନ୍ ଆଉ ଇଥିର୍ ଲାଗି ଓଡ଼ିଶା ଦେଶେ ୩ ନମ୍ବର୍ ଠାନେ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ କପିଳେଶ୍ୱର୍ ସର୍କାରୀ ଉଚ୍ଚ ବିଦ୍ୟାଲୟ ନ ଆଏଜ୍ ୭୭ ନମ୍ବର୍ ବନ ମହୋତ୍ସବ୍ ସପ୍ତାହ ପାଲନ୍ ଅବ୍ସରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଥି ଯୋଗଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ସାରା ପୁର୍ଥି ନ ତାପମାତ୍ରା ବଢ଼୍ବାର୍, ଅନିୟମିତ ବର୍ଷା, ପ୍ରାକୃତିକ ବିପର୍ଯ୍ୟୟ ଆଉ ପରିବେଶ୍ ପ୍ରଦୂଷଣ୍ ବାଗିର୍ ବଡ଼ ସମସ୍ୟାର୍ ମୁକାବିଲା ଲାଗି ଭର୍ପୁର୍ ଗଛ୍ ଜଗାବାର୍ ଆଉ ଜଙ୍ଗଲ୍ ସୁରକ୍ଷାର୍ ଦର୍ବାର୍ ରହିଛେ । ରାଏଜେ ଯୁଗ୍ମ ଜଙ୍ଗଲ ପରିଚାଲନାଥି ପାଖାପାଖି ୧୬ ହଜାର୍ ୨ ଶହ ୯ ବନ ସୁରକ୍ଷା ସମିତି ଆଉ ୫ ଶହ ୭୯ ଟା ପରିବେଶ୍ ଉନ୍ନୟନ୍ କମିଟି ତର୍ଫୁ ୧୩ ହଜାର୍ ୯

ଶହ ୩୩ ବର୍ଗ କିଲୋମିଟର୍‌ରୁ ଅଏତ୍‌କା ଜଙ୍ଗଲ୍‌ର ସୁରକ୍ଷା ଆଉ ଠିକ୍ ଭାବେ ପରିଚାଳନା କରାଯାଉଛେ । ଇଥି ୨୦ ଲାଖ୍ ୧୧ ହଜାର୍ ପରିବାର୍ ଲାଗିକରି ଉପକୃତ ହେଉଛନ୍ । ଜନସାଧାରଣ୍‌ଙ୍କର୍ ସହଯୋଗ୍, ସର୍‌କାର୍‌ଙ୍କର୍ ବନୀକରଣ୍ ଯୋଜ୍‌ନାଥି ରାଏଜେ ଧିରେଧିରେ ଜଙ୍ଗଲ୍‌ର ମାତ୍ରା ବଢୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ମିଶନ୍ ମୋଡ୍‌ଥି ବନସୁରକ୍ଷା କାମ୍ ଜାରି ରହିଛେ । ମହାନଦୀ ଖଁଡ଼ିଥି ସବୁଜ ମହାନଦୀ ମିଶନ୍ ଜରିଏ ଦେଢ଼୍ କିଲୋମିଟର୍ ଜଙ୍ଗଲ୍ ତିଆର୍ କରାଯାଉଛେ ଆଉ ଉଜ୍‌ଡ଼ି ଯାଇଥିବା ଜଙ୍ଗଲ୍‌ର ପୁନରୁଦ୍ଧାର୍ ଲାଗି ଆମ ଜଙ୍ଗଲ୍ ଯୋଜ୍‌ନା ଅଧୀନ୍‌ଥି ୧ ହଜାର୍ ୪ ଶହ ୮୮ କୋଟି ଟଙ୍କାର୍ ଜୀବିକା ଭିତିକ୍ କାର୍ଯ୍ୟକ୍ରମ୍ ଚାଲୁଛେ । ଇତାର୍ ସହେତେ ଇବ୍, ତେଲ୍, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା ଆଉ ବଂଶଧାରା ନଦୀର୍ ଦୁହି ଖଁଡ଼ି ନ ଶାଗୁଆ ବଳୟ ତିଆର୍ କରାଯାଉଛେ । ଗଲାବଛର୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଜନମ୍‌ଦିନ୍ ଅବ୍‌ସରେ ରାଏଜେ ଗୁଟେ ଦିନେ ୧ କୋଟି ୪୯ ଲାଖ୍ ଗଛ ଜଗାଯାଇଥିଲା । ଇ ବଛର୍ କେନ୍ଦ୍ର

ସର୍‌କାର୍‌ଙ୍କର୍ ତର୍‌ଫୁ ରାଜ୍ୟ ଲାଗି ୩ କୋଟି ୭୬ ଲାଖ୍ ଗଛ୍ ଜଗାଯିବାର୍ ଲକ୍ଷ୍ୟ ରଖାଯାଇଛେ । ଚଡ଼୍‌କ୍‌ମରାନୁ ରକ୍ଷା ପାଏବାର୍ ଲାଗି ଗଲାବଛର୍ ୧୭ ଲାଖ୍ ୯୦ ହଜାର୍ ତାଲ୍‌ଗଛ୍ ଜାଗାଯାଇଥିଲା ।

ଆମ ଜଙ୍ଗଲ୍ ଯୋଜ୍‌ନା ଅଧୀନ୍‌ଥି ଜଙ୍ଗଲ୍‌ର ପୁନରୁଦ୍ଧାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । 'ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍'ଥି ରାଏଜେ ୮ କୋଟି ୧୨ ଲାଖ୍ ଗଛ୍ ଜଗାବାର୍ କାମ୍ ଶେଷ୍ ହେଇକରି ସେସବୁର୍ ଦେଖ୍‌ରେଖ୍ କରାଯାଉଛେ । ଅଭିଯାନ୍ ଅଧୀନ୍‌ଥି ରାଜ୍ୟବାସୀଙ୍କୁ ଗଛ୍ ଜଗାବାର୍‌କେ ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଆହ୍ୱାନ୍ ଦେଇଛନ୍ ।

ପୂର୍ବାଂଚଳ ଆଂଚଳିକ ପରିଷଦ୍ ଷ୍ଟାଣ୍ଡିଂ କମିଟି ବୈଠକ୍/

ଆଇ.ଆଣ୍ଡ୍.ପି.ଆର୍

ପୂର୍ବାଂଚଳ ଆଂଚଳିକ ପରିଷଦ୍ ଷ୍ଟାଣ୍ଡିଂ କମିଟିର୍ ୧୫ ନମ୍ବର୍ ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଚାଲିଛେ । ଓଡ଼ିଶାର୍ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ହେଉଥିବା ବୈଠକ୍‌ଥି ଓଡ଼ିଶା ସହେତେ ଝାଡ଼୍‌ଖଣ୍ଡ୍, ବିହାର୍,

ପଶ୍ଚିମବଙ୍ଗ୍‌ର ମୁଖ୍ୟ ଶାସନ୍ ସଚିବ, ଗୃହ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍ ଆଉ ବରିଷ୍ଠ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଅଛନ୍ । ବୈଠକ୍‌ଥି ମୋଟ୍ ୭୨ ଟା ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେଉଛେ । ଆନ୍ତଃରାଜ୍ୟ ନଦୀ ପ୍ରସଙ୍ଗ, ସୁରକ୍ଷା, ଆଇନ୍‌ଶୃଙ୍ଖଳା, ଦୂରସଂଚାର ଯୋଗାଯୋଗ, ବେଙ୍କିଙ୍ଗ୍, ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ପ୍ରକଳ୍ପ, ସାଇବର୍ ସିକ୍ୟୁରିଟି, ମଣିଷ-ହାତୀ ବିବାଦ, ଖଣିଜ ସମ୍ପଦ୍, ପରିବେଶ୍ ସଂରକ୍ଷଣ୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଛେ । ଓଡ଼ିଶା ଆଉ ଝାର୍‌ଖଣ୍ଡ୍ ସୀମ୍‌ନା ନ ମାଓ କାର୍ଯ୍ୟକଳାପ୍‌କେ ପୁରାପୁରି ଅଟ୍‌କାବାର୍‌କେ ବୈଠକ୍‌ଥି ଆଲୋଚନା ହେଇଛେ । ଇତାର୍‌ସହେତେ ବୈଠକ୍‌ଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ କେନ୍ତା ରାଜ୍ୟମାନ୍‌କେ ସଫଲତାର୍ ସହେତେ କାର୍ଯ୍ୟକାରୀ ହେବା ସେ ବାବ୍‌ଦେ ଖାସ୍ ଆଲୋଚନା କରାଯାଉଛେ ।

ଜନଜାତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଜନଜାତିମାନ୍‌କର୍ ଭାଷା, ସଂସ୍କୃତି ଆଉ ପାରମ୍ପରିକ୍ ଜ୍ଞାନ୍‌କେ ସଂରକ୍ଷଣ୍ କର୍‌ବାର୍ ଦର୍‌କାର୍ ରହିଛେ ବଲି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଦୁଇ ଦିନିଆ ଜାତୀୟ କର୍ମଶାଳାକେ ଉଦ୍‌ଘାଟନ୍ କରିକରି ଶ୍ରୀ ଓରାମ୍ କହିଛନ୍, ଜନଜାତିମାନ୍‌କର୍ ପାରମ୍ପାରିକ୍ ଜ୍ଞାନ୍‌କେ ଅତ୍ୟାଧୁନିକ୍ ପ୍ରଯୁକ୍ତିବିଦ୍ୟା ସହେତେ ଜୁଡ଼୍‌ବାର୍ ଦର୍‌କାର୍ ରହିଛେ । ଇ ଅବ୍‌ସରେ ଆଦିବାସୀ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଜନଜାତି ମାନ୍‌କର୍ ବିକାଶ୍ ଲାଗି ଜ୍ଞାନ୍, ନବସୃଜନ ଆଉ ପ୍ରମାଣ୍ ଆଧାରିତ୍ ନୀତି ନିର୍ଦ୍ଧାରଣ୍‌କେ ଆଧାର୍ କରିକରି ଆଦିବାସୀ ଗବେଷଣା ପ୍ରତିଷ୍ଠାନ୍‌କେ ବିକଶିତ୍ କର୍‌ବାର୍ ଲକ୍ଷ୍ୟଥି ଗୁଟେ ନୂଆଁ କାର୍ଯ୍ୟଖସଡ଼ାର୍ ଉନ୍ମୋଚନ୍ କରାଯାଇଛେ ।

## ପରିବହନ୍ ମନ୍ତ୍ରୀ- ସଡ଼କ୍ ସୁରକ୍ଷା ନିୟମ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସଡ଼କ୍ ଦୁର୍ଘଟଣାକେ କମ୍ କର୍‌ବାର୍ ଆଉ ସଡ଼କ୍‌ଥି ଯାଉଥିବା ଲୁକ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ପରିବହନ୍ ବିଭାଗ୍ ତର୍‌ଫୁ ଖାସ୍ ଯାଂଚ୍ ଅଭିଯାନ୍ ଜାରି ରହିଛେ ।

ଏତ୍‌କର ଖାଲି ଜରିମାନା ନୁହେଁ, ଫିଟ୍‌ନେସ୍, ପଞ୍ଜିକରଣ୍, ପରମିଟ୍, କି ବୀମା ନିୟମ୍ ଉଲ୍ଲଂଘନ୍ କଲେ ସିଧାସଲଖ୍ ଗାଡ଼ି ଜବତ୍ କରାଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଗଲା ଏପ୍ରିଲ୍ ୧ ନୁ ଜୁନ୍ ୩୦ ତାରିଖ୍ ଭିତ୍‌ରେ ରାଏଜେ ୧ ଲାଖ୍ ୬୪ ହଜାର୍ ୮ ଶହ ୮୨ ଟା ଚାଲାଣ୍ କଟିଥିବାର୍ ବେଲେ ଖାଲି ୪ ଶହ ୨୮ ଟା ଗାଡ଼ି ଜବତ୍ ହେଇଥିଲା । ଖାଲି ଜରିମାନା ଲାଗି ଅଯୋଗ୍ୟ ଗାଡ଼ି ଫେର୍‌ଥରେ ରାସ୍ତାକେ ଆସିକରି ଦୁର୍ଘଟଣା ଘଟଉଥିବାର୍‌ନୁ ଇ ନୂଆଁ ଅଭିମୁଖ୍ୟ ନିଆଯାଇଛେ । ରାଜ୍ୟର୍ ସବୁ ଆଂଚଲିକ୍ ପରିବହନ୍ ଅଧିକାରୀ- ଆର୍‌ଟିଓ, ଅତିରିକ୍ତ ଆଂଚଲିକ୍ ପରିବହନ୍ ଅଧିକାରୀ- ଏଆର୍‌ଟିଓ ଆଉ ଏନ୍‌ଫୋର୍ସମେଂଟ୍ ଅଧିକାରୀମାନ୍‌କୁ ଇ ବାବ୍‌ଦେ ସାର୍କୁଲାର୍ ଜାରି କରାଯାଇଛେ । ପୁଲିସ୍ ସାଙ୍ଗେ ତାଲ୍‌ମେଲ୍ ରଖିବାର୍ ସହେତେ ବାହନ୍ ଆଉ ଇ-ଚାଲାଣ୍ ଡେସ୍‌ବୋର୍ଡ଼ଥି ଏଲର୍ଟ ବ୍ୟବସ୍ଥା ଭିଲ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋସିପ      ହି.ସ.

ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋସିପ୍ ୨୦୨୬-୨୭ ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ । ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ରାଜ୍ୟର୍ ସର୍‌କାରୀ ବିଶ୍ୱବିଦ୍ୟାଲୟ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଅଲ୍‌ଗା ବିଭାଗ୍‌ଥି ପିଏଚ୍‌ଡ଼ି ପାଠ୍ୟକ୍ରମ୍‌ଥି ପଞ୍ଜିକୃତ୍ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ଥି ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଆଏଜ୍‌ଠାନୁ ଆଏବା ୩୦ ତାରିଖ୍ ଅଧ୍‌ରାତି ତକ୍ ଆବେଦନ୍ କର୍‌ବାର୍ ସମିଆ ଧାରିଜ୍ କରାଯାଇଛେ । ଆଘୋନୁ ଦାଖଲ୍ କରାଯାଇଥିବା ଆବେଦନ୍‌ଥି ସଂଶୋଧନ୍ ଲାଗି ଜୁଲାଇ ୩୧ ତାରିଖ୍ ସଖାଲର୍ ୧୧ ବଜେନୁ ରାତିର୍ ୧୧ ବାଜିକରି ୪୫ ମିନିଟ୍‌ତକ୍ ଆବେଦନ୍ କରିହେବା । ଆବେଦନ୍‌କାରୀମାନ୍‌କର୍ ତଥ୍ୟ ଓକାକ୍ ତର୍‌ଫୁ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ୍‌ଥି ଦିଆଯିବା । ଅଗଷ୍ଟ ୫ ତାରିଖ୍ ଯୋଗ୍ୟ ଆବେଦନ୍‌କାରୀମାନ୍‌କର୍ ଦସ୍ତାବିଜ୍ ଯାଂଚ୍ କରାଯିବା ଆଉ ତାର୍ ଉତ୍‌ରୁ ସାମ୍ସ ପୋର୍ଟାଲ୍ ଜରିଏ ସୂଚ୍‌ନା ଦିଆଯିବା ।

ରଥଯାତ୍ରା-ମକ୍‌ଡ୍ରିଲ        ପୁରୀ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆଘୋନୁ ଆଏଜ୍ ପୁରୀ ରେଲୱେଷ୍ଟେସନ୍‌ଠାନେ ମକ୍‌ଡ୍ରିଲ୍ କରାଯାଇଛେ । ଓଡ୍ରାଫ୍, ଅଗ୍ନିଶମ, ଜିଆରପି, ଆରପିଏଫ୍, ଏସ୍‌ଟିୟୁ ଆଉ ଜିଲ୍ଲା ପ୍ରଶାସନ ମିଶିକରି ମକ୍‌ଡ୍ରିଲ କରିଛନ୍ତି । ଆତଙ୍କବାଦୀ ଆକ୍ରମଣ୍‌କେ ଅଟ୍‌କାବାର୍‌ଟା ଇଟାର୍ ମୁଲ୍ ଉଦ୍ଦେଶ୍ୟ ଆଏ । ଗୁଣ୍ଡିଚା ମନ୍ଦିର୍ ପାଶର୍ ପୁଲିସ୍ ଅବକାଶ ଠାନେ ଇ ମକ୍‌ଡ୍ରିଲ୍ କରାଯାଇଛେ ।

ଡାଇରିଆ-ଝାଡ଼ାବାନ୍ତି ବର୍‌ଗଡ଼୍ ସମ୍ବାଦଦାତା

ବରଗଡ଼ ଜିଲ୍ଲା ଲଖମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ହେଇଥିବା ଷ୍ଟପ୍ ଡାଇରିଆ ଅଭିଯାନ୍ ସଚେତନତା କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଅଭିଯାନ୍ ଜରିଏ ଛୁଆମାନ୍‌କର୍ ଜୀବନ୍ ବଁଚାବାର୍ ଲାଗି ନିଆଯାଇଥିବାର୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଛନ୍ । ଓଡ଼ିଶା ସହେତେ ସାରା ଦେଶେ ଛୁଆମାନ୍‌କୁ ଝାଡ଼ାବାନ୍ତି ରୋଗ୍‌ନୁ ରକ୍ଷା କର୍‌ବାର୍ ଲାଗି ଇଟା ବହୁତ୍ ଜରୁରୀ କାର୍ଯ୍ୟକ୍ରମ୍ ଆଏ । ୫ ବଛର୍‌ନୁ କମ୍ ବୟସର୍ ଛୁଆକର୍ ଭିତ୍‌ରେ ଝାଡ଼ାବାନ୍ତି ଲାଗି

ହେଉଥିବା ମୃତ୍ୟୁକେ ପୁରାପୁରି କମାବାର୍‌ଟା ଇତାର୍ ମୁଲ୍ ଉଦ୍ଦେଶ୍ୟ ଆଏ ।

ବନ ମହୋତ୍ସବ ବର୍‌ଗଡ୍ ସମ୍ବାଦଦାତା

ବରଗଡ଼ ଜିଲ୍ଲା ପଦ୍ମପୁରର ଚଂଘରିଆନ ୭୭ ନମ୍ବର୍ ବନଖଣ୍ଡସ୍ତରୀୟ ବନମହୋତ୍ସବ ସପ୍ତାହ ପାଲନ କାର୍ଯ୍ୟକ୍ରମକେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ । ସୁରକ୍ଷିତ୍ ପରିବେଶ୍, ସୁରକ୍ଷିତ୍ ଭବିଷ୍ୟତ୍‌ର ମୂଲ୍ ଆଧାର୍ ଆଏ । ବନ ମହୋତ୍ସବକେ ଗୁଟେ ଜନଆନ୍ଦୋଲନ୍‌ଥି ପରିଣତ କର୍‌ବାର୍ ଲାଗି ଶ୍ରୀ ମହାଲିଙ୍ଗ୍ ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ଗୁଟେ ସବୁଜ ରଥର ଭିଲ୍ ଶୁଭାରମ୍ଭ କରାଯାଇଛେ ।

ମେଟ୍ରିକ୍ ପରୀକ୍ଷାର ମୂଲ୍ୟାୟନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ହେବାର୍‌କେ ଥିବା ଇଥରର୍ ମେଟ୍ରିକ୍ ପରୀକ୍ଷାର ମୂଲ୍ୟାୟନ୍ ଡିଜିଟାଲ୍ ମୋଡ୍‌ଥି

ଆଉ ଅନ୍‌ସ୍କ୍ରିନ୍ ଭେଲୁଏସନ୍ ଜରିଏ ହେବା ବଲି ବୋର୍ଡ୍ ତର୍‌ଫୁ ଯୋଜ୍‌ନା କରାଯାଇଛେ । ପରୀକ୍ଷାମୂଲକ୍ ଭାବେ ଇଥରର୍ ସପ୍ଲିମେଂଟାରୀ ପରୀକ୍ଷା ସହେତେ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ, ସାର୍ଟିଫିକେଟ୍ ପରୀକ୍ଷାର୍ ଉତର୍‌ଖାତାମାନ୍‌କର୍ ଡିଜିଟାଲ୍ ମୂଲ୍ୟାୟନ୍ କରାଯିବା । ଇଥିର୍‌ଲାଗି ବୋର୍ଡ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ ହେଇଛେ । ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍ ଆଉ କଟକ୍, ୩ ଟା ଜାଗା ନ ଡିଜିଟାଲ୍ ମୂଲ୍ୟାୟନ୍ ହେବା ବଲି ବୋର୍ଡ୍ ତର୍‌ଫୁ ସ୍ଥିର୍ କରାଯାଇଛେ । ଆଏବା ୧୯ ତାରିଖ୍‌ନୁ ମୂଲ୍ୟାୟନ୍ ପ୍ରକ୍ରିୟା ମୂଲ୍ ହେବା । ଇଥିର୍‌ଲାଗି ମୂଲ୍ୟାୟନ୍‌କାରୀମାନ୍‌କୁ ବୋର୍ଡ୍ ତର୍‌ଫୁ ୨ ଦିନିଆ ତାଲିମ୍ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ପାଣିପାଗ ସମ୍ବଲପୁର ସମ୍ବାଦଦାତା/ବୌଦ୍ଧ/ବର୍‌ଗଡ଼୍

ରାଏଜେ ଲଗାଏତ୍ ବର୍ଷା ଲାଗି ଭିନ୍ ଭିନ୍ ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ଇତାର୍‌ସହେତେ ଉପର୍‌ମୁଣ୍ଡେ ଜବର୍ ବର୍ଷା ଲାଗି ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ବଢୁଥିଲେ ଭିଲ୍ ବନ୍ୟା ସ୍ଥିତି

ନାଇଁ ନ ବଲି ଜଲ୍‌ସମ୍ପଦ୍ ବିଭାଗ୍‌ର ମୁଖ୍ୟଯନ୍ତ୍ରୀ ପ୍ରତାପ୍ ଚନ୍ଦ୍ର ଚୌଧୁରୀ କହିଛନ୍ ।

(ଭଏସ୍ ଓଭର୍- ଜଲ୍‌ସମ୍ପଦ୍ ମୁଖ୍ୟଯନ୍ତ୍ରୀ)

ଜଲ୍‌ଭଣ୍ଡାର୍‌ର ଜଲ୍‌ଧାରଣ୍ କ୍ଷମତା ୬ ଶହ ୩୦ ଫୁଟ୍ ଥିବାର୍ ବେଲେ ଆଏଜ୍ ବେଲ୍‌ବୁଡ଼ାର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୬ ଦଶ୍‌ମିକ୍ ୭ ଦଶ୍‌ମିକ୍ ୮/୭ ଫୁଟ୍ ରହିଛେ । ଆଏବା ଗୁରୁବାର୍ ଦିନ ହୀରାକୁଦ୍ ଡେମ୍‌ର ଗେଟ୍ ଖୁଲାଯାଇକରି ଜଲ୍‌ଭଣ୍ଡାର୍‌ନୁ ଇ ବଛ୍‌ରର୍ ପହେଲା ବଏଢ଼୍ ପାଏନ୍ ଛଡ଼ାଯିବା । ହେଲେ ଜଲ୍‌ସ୍ତର୍‌କେ ଦେଖିକରି ଗେଟ୍ ଖୁଲାଯିବାର୍ ସଂଖ୍ୟା ଧାରିଜ୍ କରାଯିବା ବଲି ଶ୍ରୀ ଚୌଧୁରୀ କହିଛନ୍ । ଇହାଦେ କଟକ୍ ମୁଣ୍ଡୁଲି ନ ୩ ଲାଖ୍ ୨୬ ହଜାର୍ କ୍ୟୁସେକ୍ ପାଏନ୍ ଯାଉଛେ । ଆଏଜ୍ ରାତି ତକ୍ ୪ ଲାଖ୍ ୫୦ ହଜାର୍ କ୍ୟୁସେକ୍ ପାଏନ୍ ଯିବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍‌ଠାନୁ ରାଏଜେ ବର୍ଷାର୍ ପ୍ରଭାବ୍ କମ୍‌ବା । ଗଲା ୨୪ ଘଂଟା ଭିତ୍‌ରେ ବର୍‌ଗଡ଼୍ ଜିଲ୍ଲାର୍ ବିଜେପୁର୍ ଠାନେ ସବୁନୁ ଅଏତ୍‌କା ଶହେ ୯ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ଅଛେ ।